# 2022-23

| | | |
|---|---|---|
| | 94 | ଆଳୁଶଲଭ କୀଟର ପରିଚାଳନା ପାଇଁ ୧୦ ସେମି ଗଭୀରରେ ଆଳୁ ବିହନ ଲଗାନ୍ତୁ। ଆଳୁ ଖୋଳିବା ପରେ ଅଧିକ ସମୟ ଖୋଲାରେ ରଖନ୍ତୁ ନାହିଁ। ରାସାୟନିକ ଉପାୟରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୭୫ ମିଲି ସ୍ପିନୋସାଡ କିମ୍ବା ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ ୨୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 101045 Advisory Date :-1/25/2023 10:54:52 AM |
| | 93 | ଟମାଟୋ ଫସଲରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୫୦୦ ଗ୍ରାମ ଜିନେବ ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତରରେ ୨ ରୁ ୩ ଥର ସିଞ୍ଚନ କରନ୍ତୁ। |
| | | Total No of Farmer : - 101036 Advisory Date :-1/25/2023 10:52:05 AM |
| | 92 | ମୁଗ ଓ ବିରି ଫସଲରେ ସମ୍ବାଲୁଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ ଓ ସାଇପରମେଥ୍ରିନର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ। ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡକୁ ହିଡ ଉପରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 149476 Advisory Date :-1/25/2023 10:48:51 AM |
| | 91 | ନଡିଆର ନାଲି ଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ ୩% ଜି ସହ ବାଲି ୧:୧ ଅନୁପାତରେ ମିଶାଇ କଣାକୁ ବନ୍ଦ କରି ଦିଅନ୍ତୁ। |
| | | Total No of Farmer : - 101044 Advisory Date :-1/19/2023 12:45:27 PM |
| | 90 | କଦଳୀରେ ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ କାର୍ବେଣ୍ଡାଜିମ ୧୨% + ମାଙ୍କୋଜେବ ୬୩ % WP କିମ୍ବା କ୍ଲୋରୋଥାଲୋନିଲ୍ ୭୫ % WP ମିଶାଇ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-1/19/2023 12:41:16 PM |
| | 89 | ଶୀତ ଋତୁରେ ମାଛମାନଙ୍କୁ Epizootic vicerative syndrome (EUS) ରୋଗ ହେବାର ସମ୍ଭାବନା ଅଛି। ତେଣୁ ଏକର ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା- ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ। |
| | | Total No of Farmer : - 64249 Advisory Date :-1/19/2023 12:35:49 PM |
| | 88 | ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ। ତାପମାତ୍ରା କମ ରହୁଥିବାରୁ ପନିପରିବା ଫସଲରେ ହାଲକା ଜଳସେଚନ କରନ୍ତୁ। ପନିପରିବା ତଳିଘେରାକୁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ। |
| | | Total No of Farmer : - 101046 Advisory Date :-1/11/2023 9:43:14 AM |
| | 87 | ବର୍ତ୍ତମାନ ସମୟରେ କୁହୁଡିଆ ପାଗ ଯୋଗୁଁ ଟମାଟୋରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ନିମ୍ବ ଆଧାରିତ ତେଲ ୬୦୦ ପିପିଏମ କିମ୍ବା ଫ୍ଲୋନିକାମ ୬୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-1/11/2023 9:40:45 AM |
| | 86 | ଗାଇଗୋରୁମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକାକରଣ କରନ୍ତୁ। |
| | | Total No of Farmer : - 108281 Advisory Date :-1/11/2023 9:38:37 AM |
| | 85 | ବର୍ତ୍ତମାନ ଗାଇ ଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି। ଏହି ରୋଗର ଲକ୍ଷଣରେ ଦେହରେ ଆବୁ ଫଳି ଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମି ଯାଇଥାଏ। ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆଁସ ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ। ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ। |
| | | Total No of Farmer : - 108280 Advisory Date :-1/3/2023 3:04:09 PM |
| | 84 | ଆଳୁରେ କଟା ପୋକ ଓ ପତ୍ର ଖିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ ୪୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101045 Advisory Date :-1/3/2023 3:01:58 PM |

| | | |
|---|---|---|
| | 83 | ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡାଖୁସା କରନ୍ତୁ। ଗଛ ଠାରୁ ୩ ରୁ ୪ ସେମି ବ୍ୟବଧାନରେ ୨ ପାର୍ଶ୍ୱରେ ୨ ରୁ ୩ ସେମି ଗଭୀରରେ ୨୬ କିଗ୍ରା ୟୁରିୟା ଓ ୨୦ କିଗ୍ରା ଏମ.ଓ.ପି କୁ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ। |
| | | Total No of Farmer : - 101047 Advisory Date :-12/30/2022 11:18:30 AM |
| | 82 | ବନ୍ଧାକୋବି ଫସଲରେ ବର୍ତ୍ତମାନ ଛନ୍ଦା ପୋକ ଓ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପରେ ଏମାମେକ୍ଟିନ ବୋଞ୍ଜୋଏଟ ୭୦ ଗ୍ରାମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101046 Advisory Date :-12/30/2022 11:13:29 AM |
| | 81 | ବର୍ତ୍ତମାନ କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ସଲଫର ୮୦% WP ୮୦୦ ଗ୍ରାମ କିମ୍ବା ହେକ୍ସାକୋନାଜୋଲ ୫% EC ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149451 Advisory Date :-12/21/2022 10:56:29 AM |
| | 80 | କୋବି ଫସଲରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟାର ପରିଚାଳନା ପାଇଁ ପ୍ରତି ୪ କି.ଗ୍ରା ବୋରାକ୍ସକୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରି ନଥିଲେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 101048 Advisory Date :-12/21/2022 10:51:54 AM |
| | 79 | ଶୀତଦିନେ PPR ରୋଗ ଛେଳି ମହାମାରୀ ଭାବରେ ମଧ୍ୟ ଜଣାଶୁଣା। ଏହି ରୋଗ ଛେଳି ଓ ମେଣ୍ଢାକୁ ପ୍ରଭାବିତ କରେ ଯାହା ହଠାତ୍ ନିମୋନିଆ ଓ କାଶ ସୃଷ୍ଟି କରେ। ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି। ଗର୍ଭବର୍ତ୍ତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି। ତେଣୁ ପଶୁମାନଙ୍କୁ ଉଚିତ ଟୀକାକରଣ କରନ୍ତୁ। |
| | | Total No of Farmer : - 108281 Advisory Date :-12/21/2022 10:47:59 AM |
| | 78 | ଶୀତ ଋତୁରେ ଅଧିକ ଥଣ୍ଡା ସମୟରେ ଗାଇ ଗୁହାଳରେ ପଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। |
| | | Total No of Farmer : - 108281 Advisory Date :-12/7/2022 11:21:58 AM |
| | 77 | ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ସଲଫର ୮୦ % WP ୮୦୦ ଗ୍ରାମ କିମ୍ବା ହେକ୍ସାକୋନାଜୋଲ ୫ % EC ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149458 Advisory Date :-12/7/2022 11:19:25 AM |
| | 76 | ବାଇଗଣରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ଇମାମେକ୍ଟିନ ବୋଞ୍ଜୋଏଟ ୮୦ ଗ୍ରାମ କିମ୍ବା ସ୍ପିନୋସାଡ ୮୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101049 Advisory Date :-12/7/2022 11:12:46 AM |
| | 75 | ଟମାଟୋ ଫସଲରେ ଧଳାମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ। ପ୍ରାଥମିକ ଅବସ୍ଥାରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ୍‌କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101050 Advisory Date :-11/29/2022 3:52:17 PM |
| | 74 | ମୁଗ ଓ ବିରି ଫସଲରେ ଧଳାମାଛି ନିୟନ୍ତ୍ରଣ ପାଇଁ ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା ବିହନରେ ୭ ଗ୍ରାମ ଇମିଡାକ୍ଲୋପ୍ରିଡ କୀଟନାଶକ ମିଶାଇ ବିଶୋଧନ କରନ୍ତୁ। ଗଛ ୨-୩ ପତ୍ର ହେବା ଅବସ୍ଥାରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ। ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149457 Advisory Date :-11/29/2022 3:48:36 PM |
| | 73 | ଶୀତ ଋତୁରେ କୁକୁଡାମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହରେ ୨୦୦ ୱାଟର ବଲବ ଲଗାନ୍ତୁ। କୁକୁଡାମାନଙ୍କୁ ଉଚିତ ସମୟରେ ଟୀକାକରଣ କରନ୍ତୁ। |
| | | Total No of Farmer : - 108282 Advisory Date :-11/29/2022 3:42:11 PM |

| | | |
|---|---|---|
| | 72 | ଶୀତ ଋତୁରେ ମାଛ ପୋଖରୀର ୬ ଫୁଟ ପର୍ଯ୍ୟନ୍ତ ପାଣି ରଖନ୍ତୁ। ତାପମାତ୍ରା ହ୍ରାସ ଯୋଗୁଁ ମାଛମାନେ କମ ପରିମାଣର ଖାଦ୍ୟ ଗ୍ରହଣ କରିଥାନ୍ତି। ତେଣୁ ଶୀତ ଦିନ ତାପମାତ୍ରା କୁ ଦୃଷ୍ଟିରେ ରଖି ୫୦ ରୁ ୭୫ ପ୍ରତିଶତ କମ ଖାଦ୍ୟ ଦିଅନ୍ତୁ। ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ। |
| | | Total No of Farmer : - 64253 Advisory Date :-11/24/2022 1:51:05 PM |
| | 71 | ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ ଦିଅନ୍ତୁ। ମଇଁଷି ଓ ଗାଇଗୋରୁ ମାନଙ୍କର ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ @ ୩ କି.ଗ୍ରା. ଗୋଖାଦ୍ୟ ରୂପେ ଦିଅନ୍ତୁ। |
| | | Total No of Farmer : - 108281 Advisory Date :-11/24/2022 1:47:13 PM |
| | 70 | ଶୀତ ଋତୁରେ ଗାଇଗୋରୁଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ। ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ। ଗାଇଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ। ଶୀତ ଦିନେ ତାପମାତ୍ରା ହ୍ରାସ ପାଇଥିବାରୁ ଗାଇଗୋରୁଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ। |
| | | Total No of Farmer : - 108281 Advisory Date :-11/19/2022 9:56:53 AM |
| | 69 | ଶୀଘ୍ର ଓ ଅଧିକ ଅମଳ ପାଇଁ ଏକର ପ୍ରତି ୭୫ ମି.ଲି. Gibberellic Acid ନାମକ ହରମୋନ, ଚାରା ଲଗାଇବାର ୪୫ ଓ ୬୫ ଦିନ ବେଳକୁ ଦୁଇଥର ସିଞ୍ଚନ କରନ୍ତୁ। ମାଟିର ବତର ଦେଖି ପ୍ରତି ୭ ରୁ ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ। |
| | | Total No of Farmer : - 101049 Advisory Date :-11/19/2022 9:53:05 AM |
| | 68 | ଧାନ କେଣ୍ତାରେ ଶତକଡା ୮୫ ଭାଗ ପାଚି ଯାଇଥିଲେ କାଟି ଦିଅନ୍ତୁ। ବେଙ୍ଗଳା ପରେ ଧାନକୁ ଭଲ ଭାବରେ ୨ ରୁ ୩ ଦିନ ଖରାରେ ଶୁଖାଇ HDPE ବ୍ୟାଗରେ ସାଇତି ରଖନ୍ତୁ। ବିହନ ପାଇଁ ୧୨ ପ୍ରତିଶତ ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଆଦ୍ରତା ରଖନ୍ତୁ। |
| | | Total No of Farmer : - 149450 Advisory Date :-11/19/2022 9:49:51 AM |
| | 67 | ସଅଳ କିସମ କୋବି ଜାତୀୟ ପନିପରିବା ଚାରାକୁ ଧାଡିକୁ ଧାଡି ୬୦ ସେ.ମି ଓ ଗଛକୁ ଗଛ ୩୦ ସେ.ମି ବ୍ୟବଧାନରେ ଏବଂ ମଧ୍ୟମ ଓ ବିଳମ୍ବ କିସମ ଚାରାକୁ ଧାଡିକୁ ଧାଡି ୬୦-୭୫ ସେ.ମି ଓ ଗଛକୁ ଗଛ ୪୦-୪୫ ସେ.ମି ବ୍ୟବଧାନରେ ଉପରବେଳା ଲଗାନ୍ତୁ। |
| | | Total No of Farmer : - 101048 Advisory Date :-11/10/2022 11:47:11 AM |
| | 66 | ଶୀତ ଋତୁରେ ମାଛମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପୋଟାସିୟମ ପରମାଙ୍ଗାନେଟ ୧ ରୁ ୨ କିଗ୍ରା କିମ୍ବା ଲାଇମଷ୍ଟୋନ ୫୦ ରୁ ୧୦୦ କିଗ୍ରା ମିଶାଇ ବିଶୋଧନ କରନ୍ତୁ। ଶୀତ ଋତୁରେ ମାଛମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କିଗ୍ରା ଲୁଣ ପ୍ରୟୋଗ କରନ୍ତୁ। |
| | | Total No of Farmer : - 64251 Advisory Date :-11/10/2022 11:40:50 AM |
| | 65 | ଅଧିକ ଅମଳକ୍ଷମ ବିରି କିସମ ଯଥା- ଟି ୯, ପିୟୁ ୧୧, ପିୟୁ ୧୯, ପିୟୁ ୩୦ ଏବଂ ମୁଗ କିସମ ଯଥା- କେ ୮୫୧, ପିଡିଏମ ୧୧, ପିଡିଏମ ୫୪, ଓୟୁଏମ ୧୧୫ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲଚରରେ ବିଶୋଧନ କରନ୍ତୁ। |
| | | Total No of Farmer : - 149446 Advisory Date :-11/10/2022 11:32:53 AM |
| | 64 | ଅମୃତଭଣ୍ଡାରେ ପ୍ରାରମ୍ଭିକ ଅବସ୍ଥାରେ ଦହିଆ ବା ଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ମି.ଲି. ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। ଏହା ବ୍ୟତୀତ ଗଛରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇ ପାରିବ। |
| | | Total No of Farmer : - 151113 Advisory Date :-11/1/2022 3:06:43 PM |
| | 63 | ଚାଷୀ ଭାଇମାନେ ଆଳୁର କେତୋଟି ଅଧିକ ଅମଳକ୍ଷମ କିସମ ଯଥା- କୁଫ୍ରି ଜ୍ୟୋତି, କୁଫ୍ରି ବାଦଶାହା, କୁଫ୍ରି କ୍ଷାତି, କୁଫ୍ରି ସୁର୍ଯ୍ୟ, ଚିପସୋନା ଆଦି ଲଗାନ୍ତୁ। |
| | | Total No of Farmer : - 101047 Advisory Date :-11/1/2022 3:03:27 PM |
| | 62 | ମାଟିର ଆର୍ଦ୍ରତାକୁ ଦୃଷ୍ଟିରେ ରଖି, ଅଣଜଳସେଚିତ ଜମିରେ ୮୫ ଦିନିଆ ସୋରିଷ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ, ଉତ୍ତରା ଆଦି ବୁଣନ୍ତୁ। ଜଳସେଚନ ସୁବିଧା ଥିବା ସ୍ଥାନରେ ୧୨୫ ଦିନିଆ କିସମ ଯଥା- ପୁଷା ସୋରିଷ-୨୫, ୨୬ ଓ ଆର.ଜି.ଏନ-୨୩୬ ଇତ୍ୟାଦି ବୁଣନ୍ତୁ। |
| | | Total No of Farmer : - 149440 Advisory Date :-11/1/2022 3:01:26 PM |

| | | |
|---|---|---|
| | 61 | ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସିଲ, ମାଙ୍କୋଜେବ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ। |
| | | Total No of Farmer : - 149414 Advisory Date :-10/22/2022 1:23:07 PM |
| | 60 | ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଅଛି। ପନିପରିବା ତଳିଘେରାକୁ ପଲିଥିନ କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ। ଜଳସେଚନ, କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। ଅମଳ ଉପଯୋଗୀ ପନିପରିବା ଯଥା ଶୀଘ୍ର ତୋଳି ନିଅନ୍ତୁ। |
| | | Total No of Farmer : - 151099 Advisory Date :-10/22/2022 1:18:13 PM |
| | 59 | ବାଇଗଣ ଫସଲରେ ଫଳ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ ପ୍ରୋପିନେବ ନାମକ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101034 Advisory Date :-10/22/2022 1:14:08 PM |
| | 58 | ଧାନ ଫସଲରେ ଗଣ୍ଠି ଛାଡିବା ବା ଗର୍ଭ ସଞ୍ଚାର ଆରମ୍ଭ ହେବା ଅବସ୍ଥାରେ ୫ ରୁ ୧୦ ସେ.ମି. ଠିଆ ପାଣି ରଖନ୍ତୁ। ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ। |
| | | Total No of Farmer : - 149393 Advisory Date :-10/11/2022 12:02:10 PM |
| | 57 | ଅମୃତଭଣ୍ଡା ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଦହିଆ ବା ଚୂର୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ମି.ଲି. ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। ଏହା ବ୍ୟତୀତ ଗଛରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇପାରିବ। |
| | | Total No of Farmer : - 101046 Advisory Date :-10/10/2022 11:27:56 AM |
| | 56 | ଧାନ ଫସଲରେ ମୂଳ ଶଢା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ କିମ୍ବା କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149382 Advisory Date :-10/10/2022 11:24:29 AM |
| | 55 | କାକୁଡି ଓ କଲରା ଫସଲରେ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମି.ଲି. ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-9/29/2022 9:28:57 AM |
| | 54 | ଧାନ ଫସଲରେ ବୀଜାଣୁ ଜନିତ ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ କପର ହାଇଡ୍ରୋକସାଇଡ କିମ୍ବା ୨୦୦ ଗ୍ରାମ ପ୍ଲାଣ୍ଟୋମାଇସିନ ସହିତ ୬୦୦ ଗ୍ରାମ କପର କ୍ଲୋରାଇଡ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149340 Advisory Date :-9/28/2022 2:36:58 PM |
| | 53 | ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ କିମ୍ବା ୬୦ ମି.ଲି. ଇମିଡାକ୍ଲୋପ୍ରିଡ କିମ୍ବା ୪୦୦ ମି.ଲି. କ୍ଲୋରୋପାଇରିଫସ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-9/28/2022 2:30:58 PM |
| | 52 | ବର୍ଷା ପରେ ପନିପରିବା ତଳିଘେରାରେ ମୂଳଶଢା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨ ଗ୍ରାମ କାପଟାନ କିମ୍ବା ୨.୫ ଗ୍ରାମ କପର ଅକ୍ସାକ୍ଲୋରାଇଡ କୁ ୧ ଲିଟର ପାଣିରେ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ। |
| | | Total No of Farmer : - 101045Advisory Date :-9/21/2022 1:59:55 PM |
| | 51 | ରୁଆ ଓ ବୁଣା ଧାନରେ ପାଣି ଜମି ରହିଲେ ଲୌହ ବିଶାକ୍ତତା ପରିସ୍ଥିତି ସୃଷ୍ଟି ହୋଇପାରେ। ଏହାଦ୍ୱାରା ଧାନ ଚେର ନଷ୍ଟ ହୋଇ ପତ୍ର ହଳଦିଆ ପଡିଯାଏ ଓ ଭଲ ଭାବରେ ବଢିପାରେ ନାହିଁ। ଏପରି ସ୍ଥଳେ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରି ଏକର ପ୍ରତି ୧୦ କି.ଗ୍ରା ପଟାସ ସାର ସହିତ ୧୦ କି.ଗ୍ରା ଜିଙ୍କ ସଲଫେଟ ଓ ୨୧ ଶତକଡା ଅଣୁସାର ପ୍ରୟୋଗ କରନ୍ତୁ। |
| | | Total No of Farmer : - 149298Advisory Date :-9/21/2022 1:05:31 PM |
| | 50 | ଧାନ ଜମିରେ ଅନ୍ୟ ବୁଦାରୁ ପିଲ ବାହାର କରି ଖେଳୁଆ ପଦ୍ଧତିରେ ଖାଲି ସ୍ଥାନରେ ଲଗାନ୍ତୁ। ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ। |
| | | Total No of Farmer : - 149268Advisory Date :-9/14/2022 12:38:26 PM |

| | | |
|---|---|---|
| | 49 | ଅମୃତଭଣ୍ଡାରେ ବର୍ଷା ପାଗ ଯୋଗୁଁ ମୂଳପଚା ରୋଗ ଲାଗିଲେ ଏହାର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ @ ୩ ଗ୍ରାମ କିମ୍ବା କାର୍ବେଣ୍ଡାଜିମ @ ୧ ଗ୍ରାମ କିମ୍ବା ଥାୟୋଫେନେଟ ମିଥାଇଲ୍ @ ୧ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 101030Advisory Date :-9/14/2022 12:43:36 PM |
| | 48 | ଅତ୍ୟଧିକ ବର୍ଷା ଯୋଗୁଁ ପୋଖରୀ ଜଳରେ ଲବଣ ଅଂଶ ହ୍ରାସ ପାଇବାର ସମ୍ଭାବନା ଥିବାରୁ ଜଳରେ alky-dimethyl-benzyl ammonium chloride (୩ ପିପିଏମ) ପ୍ରୟୋଗ କରନ୍ତୁ। |
| | | Total No of Farmer : - 64232Advisory Date :-9/14/2022 12:46:54 PM |
| | 47 | ଝୁଡଙ୍ଗରେ ଛୁଇଁ ବିନ୍ଧା ପୋକର ପରିଚାଳନା ପାଇଁ ଏମାମାକ୍ଟିନ୍ ବେଞ୍ଜୋଏଟ୍ ଏକର ପ୍ରତି ୮୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101041Advisory Date :-9/7/2022 9:10:05 AM |
| | 46 | ବାଇଗଣ ଚାରା ମୁଖ୍ୟ ଜମିରେ ଲଗାଇବାର ୩୦ ଦିନ ପରେ ଜମି କୋଡା ଖୋସା କରି ଏକର ପ୍ରତି ୩୦ କି.ଗ୍ରା. ୟୁରିଆ, ୨୦ କି.ଗ୍ରା. ମୁରେଟ ଅଫ ପଟାସ ପ୍ରୟୋଗ କରନ୍ତୁ। ରୋଇବାର ୪୫ ଦିନ ପରେ ବଳକା ୩୦ କି.ଗ୍ରା ୟୁରିଆକୁ ଶୀର୍ଷ ସାର ରୁପେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 101042Advisory Date :-9/7/2022 9:03:21 AM |
| | 45 | ବୁଣାଧାନରେ ମୂଳ ସାର ପ୍ରୟୋଗ କରି ନଥିଲେ ଏକର ପ୍ରତି ୩୮ କି.ଗ୍ରା. ଡି.ଏ.ପି, ୨୦ କି.ଗ୍ରା. ୟୁରିଆ, ୧୪ କି.ଗ୍ରା. ପଟାସ, ୪ କି.ଗ୍ରା. ବୋରାକ୍ସ ଓ ୧୦ କି.ଗ୍ରା. ଜିଙ୍କ ସଲଫେଟ୍ ପ୍ରୟୋଗ କରନ୍ତୁ। ବୁଣାଧାନ ୪୫ ଦିନରୁ ଅଧିକ ହୋଇ ଯାଇଥିଲେ ବେଉଷଣ କରନ୍ତୁ ନାହିଁ। |
| | | Total No of Farmer : - 149238Advisory Date :-9/7/2022 9:01:22 AM |
| | 44 | ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବାର ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା- ଉତ୍କଳ କୁମାରୀ, ଉତ୍କଳ ଦୀପ୍ତି, ଉତ୍କଳ ରାଜା ଓ ସ୍ୱର୍ଣ୍ଣ ସମ୍ପଦ। ଏକର ପ୍ରତି ୧୫୦-୨୦୦ ଗ୍ରାମ ବିହନ ଦରକାର। |
| | | Total No of Farmer : - 101043Advisory Date :-8/22/2022 4:36:18 PM |
| | 43 | ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ। ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ। ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କି.ଗ୍ରା. ମହୁଆ କେକ୍ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 64230Advisory Date :-8/22/2022 4:32:28 PM |
| | 42 | ବର୍ଷା ପରେ ଭେଣ୍ଡି ଫସଲରେ ସରକୋସ୍ପୋରା ପତ୍ର ଦାଗ ରୋଗ ଓ କଲରା ଫସଲରେ ପତ୍ର ଦାଗ ଓ ପତ୍ର ପୋଡା ରୋଗ ବୃଦ୍ଧି ପାଇବ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ) ମିଶାଇ ପ୍ରୟୋଗ କରନ୍ତୁ। |
| | | Total No of Farmer : - 101032Advisory Date :-8/22/2022 4:29:22 PM |
| | 41 | ଯାଆଁଳ ଛାଡିବା ପୂର୍ବରୁ ପାଣିର ପି.ଏଚ୍. ପରୀକ୍ଷା କରି ଆବଶ୍ୟକତା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ। ଚୂନ ପ୍ରୟୋଗର ଏକ ସପ୍ତାହ ପରେ ପୋଖରୀରେ ଏକର ପ୍ରତି ୨୦ କ୍ୱିଣ୍ଟାଲ କଞ୍ଚା ଗୋବର ପ୍ରୟୋଗ କରନ୍ତୁ। |
| | | Total No of Farmer : - 64230 Advisory Date :-8/20/2022 10:00:00 AM |
| | 40 | ବର୍ଷାଦିନେ ପନିପରିବା ଚାରା ଉତ୍ପାଦନ ସ୍ୱଳ୍ପ ମୂଲ୍ୟଯୁକ୍ତ ଜରି ଗୃହରେ କରିବା ଦ୍ୱାରା, ମୂଳଶଢା ରୋଗ କମ୍ ଲାଗିଥାଏ ଓ ବର୍ଷା ଦ୍ୱାରା କମ୍ କ୍ଷତି ହୋଇଥାଏ। |
| | | Total No of Farmer : - 101044 Advisory Date :-8/20/2022 9:53:25 AM |
| | 39 | ମାଂସ ଏବଂ ଅଣ୍ଡାଦିଆ କୁକୁଡା ପାଇଁ ୪୯ କି.ଗ୍ରା ମକା ଗୁଣ୍ଡ, ୧୯ କି.ଗ୍ରା. ସୋୟାବିନ, ୧୪ କି.ଗ୍ରା. ଚୋକଡ ଓ ୫.୯ କି.ଗ୍ରା. ଲାଇମ୍ ଷ୍ଟୋନ୍ ପାଉଡର ମିଶାଇ ଖାଦ୍ୟ ପ୍ରସ୍ତୁତ କରନ୍ତୁ। |
| | | Total No of Farmer : - 108251 Advisory Date :-8/20/2022 9:48:57 AM |
| | 38 | ଅଣ ଧାନ ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ନାଳୀର ମୁହଁକୁ ଖୋଲା ରଖନ୍ତୁ। ଧାନ ରୋପଣ ଓ ବେଉଷଣ ପାଇଁ ମଝିଆଳି ଜମିରେ ବର୍ଷା ପାଣିକୁ ବାନ୍ଧି ରଖନ୍ତୁ। |
| | | Total No of Farmer : - 150817 Advisory Date :-8/10/2022 11:38:30 AM |
| | 37 | ବର୍ତ୍ତମାନ ସମୟରେ କାକୁଡି ଓ କଖାରୁରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ଥାୟୋମେଥୋକ୍ସାମ @ ୮୦ ଗ୍ରାମ କିମ୍ବା ଏସିଟାମିପ୍ରିଡ @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101030 Advisory Date :-8/10/2022 11:16:55 AM |
| | 36 | ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି, ସେଠାରେ ୮ – ୧୦ ଟି ଧାଡି ଧାନ ରୋଇବା ପରେ ୧ ଧାଡି ବ୍ୟବଧାନ ଛାଡି ପୁଣି ରୁଅନ୍ତୁ। |

| | | |
|---|---|---|
| | | Total No of Farmer : - 149160 Advisory Date :-8/10/2022 11:11:44 AM |
| | 35 | ଧାନ ଫସଲରେ କାଣ୍ଡ ବିନ୍ଧା ପୋକ ଓ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ଟି ଫେରୋମୋନ ଟ୍ରାପ ରଖନ୍ତୁ। |
| | | Total No of Farmer : - 149150Advisory Date :-8/3/2022 3:37:24 PM |
| | 34 | ବାଇଗଣ ଓ ଭେଣ୍ଡି ଫସଲରେ ଗଣ୍ଡି ଏବଂ ଫଳବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦ ଗ୍ରାମ ଇମାମେକ୍ଟିନ୍ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ। |
| | | Total No of Farmer : - 101035Advisory Date :-8/3/2022 3:29:53 PM |
| | 33 | ସଅଳ ବୁଣାଯାଇଥିବା ହରଡ ଫସଲ ୩ ରୁ ୪ ସପ୍ତାହ ହୋଇଯାଇଥିଲେ, କୋଡା ଖୁସା କରି ଘାସ ବାଛି ଦିଅନ୍ତୁ। |
| | | Total No of Farmer : - 149126 Advisory Date :-7/28/2022 12:11:11 PM |
| | 32 | ଧାନ ତଳିଘେରାରେ ଉକୁଣିଆ ପୋକ ଦେଖାଦେଲେ ଏକର ପ୍ରତି NSKE ୮୦୦ ମି.ଲି. କିମ୍ବା Lambda-Cyhyalothrin ୫%EC@ ୧୦୦ ମି.ଲି. କିମ୍ବା ଥାୟାମେଥୋକ୍ସାମ ୨୫% WG@ ୪୦ ଗ୍ରାମ ପ୍ରୟୋଗ କରନ୍ତୁ। |
| | | Total No of Farmer : - 149130 Advisory Date :-7/28/2022 11:58:49 AM |
| | 31 | ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମି.ଲି. ଇମେଜାଥାପିର କିମ୍ବା ୪୦୦ ମି.ଲି. କ୍ୱିଜାଲୋଫପ ଇଥାଇଲ ନାମକ ଘାସମରା ଔଷଧ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149116 Advisory Date :-7/28/2022 11:49:25 AM |
| | 30 | ତଳିଘେରାରେ ପତ୍ରପୋଡା ରୋଗ ଦେଖାଦେଲେ ୧ ଲିଟର ପାଣିରେ ପ୍ରୋପିକୋନାଜୋଲ ୧ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149093 Advisory Date :-7/21/2022 10:04:03 AM |
| | 29 | ଜଳସେଚିତ ମଝିଆଳି ଜମିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ କରନ୍ତୁ। ଏହି ପ୍ରଣାଳୀରେ ୧୦ ରୁ ୧୨ ଦିନର ଧାନ ତଳି ରୋଇବା ପାଇଁ ଉପଯୁକ୍ତ ହୋଇ ଯାଇଥାଏ। |
| | | Total No of Farmer : - 149103Advisory Date :-7/20/2022 11:56:05 AM |
| | 28 | ଚିନାବିଦାମ ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ ତୃଣକମାରୀ ପ୍ରୟୋଗ କରି ନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମି.ଲି. ଇମାଜେଥାପିର କିମ୍ବା ୪୦୦ ମି.ଲି. କୁଇଜାଲୋଫପ ଇଥାଇଲ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149091Advisory Date :-7/20/2022 11:51:22 AM |
| | 27 | ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ। |
| | | Total No of Farmer : - 101032 Advisory Date :-7/12/2022 5:42:05 PM |
| | 26 | ବର୍ତ୍ତମାନ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ। ହନିଡ୍ୟୁ, କୁର୍ଗ ହନିଡ୍ୟୁ, କୋଏମ୍ବାଟୋର-୧, କୋଏମ୍ବାଟୋର-୨, ପୁଷା ଡେଲିସିଅସ୍, ପୁଷା ମେଜେଷ୍ଟିକ୍, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୫ x ୦.୫ x ୦.୫ ମିଟର ଗାତ କରି ଗଛ ଲଗାନ୍ତୁ। ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲଚର ତଳି ଲଗାନ୍ତୁ। |
| | | Total No of Farmer : - 101031 Advisory Date :-7/12/2022 5:38:50 PM |
| | 25 | ନଳିତା ଲଗାଇବାର ୫ ରୁ ୬ ସପ୍ତାହ ହୋଇଯାଇଥିଲେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ। ତା ସହିତ ଗଛ ପତଳା କରି ଦିଅନ୍ତୁ। ଏକର ପିଛା ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ। |
| | | Total No of Farmer : - 149095 Advisory Date :-7/12/2022 5:35:40 PM |
| | 24 | ଢିପ ଜମିରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୮-୧୦ ଦିନରେ କିମ୍ବା ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ଏକର ପ୍ରତି ବିସପାଇରିବାକ ସୋଡିୟମ ୧୦ % SC ୧୨୦ ମି.ଲି. ଘାସମରା ଔଷଧ ୧୬ ଲିଟର କ୍ଷମତା ବିଶିଷ୍ଟ ୮ ଟି ସ୍ପ୍ରେୟର ଟ୍ୟାଙ୍କ ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149077 Advisory Date :-6/29/2022 9:23:28 AM |
| | 23 | ଉଚ୍ଚ ଜମି ଧାନ ଚାଷରେ ଶେଷଥର ଜମି ପ୍ରସ୍ତୁତି ସମୟରେ ସାର ସହ ମଞ୍ଜି ବୁଣା ଯନ୍ତ୍ର ସାହାଯ୍ୟରେ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୭୫ କି.ଗ୍ରା ଏସ.ଏସ୍.ପି. କିମ୍ବା ୨୭ କି.ଗ୍ରା ଡି.ଏ.ପି. ସହ ୨୦ କି.ଗ୍ରା. ଏମ.ଓ.ପି. ପ୍ରୟୋଗ କରନ୍ତୁ। |
| | | Total No of Farmer : - 149087 Advisory Date :-6/27/2022 3:54:23 PM |

| | | |
|---|---|---|
| | 22 | ଭେଣ୍ଡି ବିହନ ବୁଣିବା ପୂର୍ବରୁ ପ୍ରତି ୧ କି.ଗ୍ରା. ବିହନରେ ୩ ଗ୍ରାମ ଥିରାମ ସହିତ ୭ ଗ୍ରାମ ଇମିଡାକ୍ଲୋପ୍ରିଡ ୭୦% WS କୀଟନାଶକ, ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାର୍ଦୁଭାବ କମିଯାଏ। |
| | | Total No of Farmer : - 101028 Advisory Date :-6/27/2022 3:50:39 PM |
| | 21 | ୬ ଧାଡି ଚିନାବାଦାମ ପରେ ୨ ଧାଡି ହରଡ ସମ ବ୍ୟବଧାନରେ ଅନ୍ତଃ ଫସଲ ହିସାବରେ ଚାଷ କଲେ ଯବକ୍ଷାରଜାନ ସାର ମିଳିବା ସହିତ ଉପକାରୀ କୀଟମାନଙ୍କର ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇଥାଏ। |
| | | Total No of Farmer : - 149085 Advisory Date :-6/23/2022 8:59:35 AM |
| | 20 | ବାଇଗଣ ଫସଲରେ ମୂଳ ସାର ହିସାବରେ ଏକର ପ୍ରତି ୨୦ କି.ଗ୍ରା ୟୁରିଆ, ୫୨ କି.ଗ୍ରା ଡିଏପି ଏବଂ ୨୦ କି.ଗ୍ରା ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୭୫ ସେ.ମି ଏବଂ ଗଛକୁ ଗଛ ୬୦ ସେ.ମି ବ୍ୟବଧାନ ରଖି ବାଇଗଣ ଚାରା ଲଗାନ୍ତୁ। |
| | | Total No of Farmer : - 101026 Advisory Date :-6/22/2022 10:22:47 AM |
| | 19 | ଉଚ୍ଚା ଜମିରେ ଧାନ ବୁଣା କାମ ଶେଷ କରିଦିଅନ୍ତୁ। ସିଡଡ୍ରିଲ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫ x ୧୫ ସେ.ମି. କିମ୍ବା ୨୦ x ୨୦ ସେ.ମି. ବ୍ୟବଧାନରେ ଏବଂ ୪ ରୁ ୬ ସେ.ମି. ଗଭୀରରେ ସିଧା ଧାଡିରେ ଧାନ ବିହନ ବୁଣନ୍ତୁ।ଛଟା ବୁଣା ପାଇଁ ଏକର ପ୍ରତି ୨୪ ରୁ ୩୦ କି.ଗ୍ରା ଏବଂ ସିଡଡ୍ରିଲରେ ବୁଣା ପାଇଁ ୧୨ ରୁ ୧୬ କି.ଗ୍ରା. ଉତ୍କୃଷ୍ଟ ବିହନ ବ୍ୟବହାର କରନ୍ତୁ। |
| | | Total No of Farmer : - 149084 Advisory Date :-6/22/2022 10:18:18 AM |
| | 18 | ଏକ କି.ଗ୍ରା. ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଓ ଥିରାମ କିମ୍ବା ୩ ଗ୍ରାମ ଥିରାମ ନାମକ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରିବା ଦ୍ୱାରା ଫସଲକୁ କିଛି ମାତ୍ରାରେ ବିହନ ଓ ମୃତ୍ତିକା ଜନିତ ରୋଗ ଦାଉରୁ ରକ୍ଷା କରାଯାଇ ପାରିବ। |
| | | Total No of Farmer : - 149079 Advisory Date :-6/17/2022 1:29:57 PM |
| | 17 | ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରୀନ ଏକର ପ୍ରତି ୮୦ ଗ୍ରାମ ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ। |
| | | Total No of Farmer : - 101024 Advisory Date :-6/17/2022 12:56:54 PM |
| | 16 | ବର୍ଷା ପାଣିର ସଦୁପଯୋଗ ପାଇଁ ମୌସୁମୀ ବର୍ଷା ପୂର୍ବରୁ ପନିପରିବା ଚାରା ରୋପଣ କରନ୍ତୁ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିଦେବା ଦରକାର। ଗାତରୁ ବାହାରିଥିବା ମାଟି ଓ ଗାତ ଭଲଭାବେ ଖରା ଖାଇବା ଭଲ। |
| | | Total No of Farmer : - 101026Advisory Date :-6/8/2022 9:27:36 AM |
| | 15 | ମୂଷା ଜାତୀୟ ଜୀବର ମୁକାବିଲା କରିବା ପାଇଁ ୯୬ ଗ୍ରାମ ଅଟା, ୨ ଗ୍ରାମ ତେଲ ଓ ୨ ଗ୍ରାମ ଜିଙ୍କ ଫୋସଫାଇଡକୁ ମିଶାଇ ୧୦୦ ଗ୍ରାମର ବିଷଥୋପ ତିଆରି କରି ବ୍ୟବହାର କରନ୍ତୁ। |
| | | Total No of Farmer : - 149072Advisory Date :-6/8/2022 9:24:51 AM |
| | 14 | ଜମିର ପ୍ରକାର, ମାଟିର ଉର୍ବରତା ଓ ଜଳସେଚନର ସୁବିଧାକୁ ବିଚାରକୁ ନେଇ ଖରିଫ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ଓ ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତ୍ତନ କରନ୍ତୁ। |
| | | Total No of Farmer : - 101021 Advisory Date :-5/21/2022 9:51:03 AM |
| | 13 | ଘାସ, ମାଟିରୁ ଜାତ ପୋକର ଅଣ୍ଡା ଓ ଶୁକର ଦମନ ପାଇଁ ଖରାଚିଆ ଚାଷ କରନ୍ତୁ। ଜମିରେ ସବୁଜ ସାର ହିସାବରେ ଧଣିଚା ମଞ୍ଜିକୁ ଏକର ପ୍ରତି ୧୦ କିହିସାବରେ ବୁଣନ୍ତୁ। .ଗ୍ରା. |
| | | Total No of Farmer : - 149038 Advisory Date :-5/21/2022 9:47:52 AM |
| | 12 | ପାଗ ଶୁଖିଲା ହେବା ପର୍ଯ୍ୟନ୍ତ ଧାନ ଅମଳକୁ ସ୍ଥଗିତ ରଖନ୍ତୁ। କଟା ହୋଇଥିବା ଧାନକୁ ଖଳା କିମ୍ବା ସୁରକ୍ଷିତ ସ୍ଥାନକୁ ନେଇ ଆସନ୍ତୁ। ଜମିରେ ଅମଳ ଧାନକୁ ରଖନ୍ତୁ ନାହିଁ। ଅମଳ ଉପଯୋଗୀ ଅଣ ଧାନ ଫସଲ ଯଥା ଚୀନାବାଦାମ ଓ ଡାଲି ଜାତୀୟ ଫସଲ ଶୀଘ୍ର ଅମଳ କରି ଦିଅନ୍ତୁ। |
| | | Total No of Farmer : - 149023 Advisory Date :-5/9/2022 11:25:35 AM |
| | 11 | ବର୍ଷା ଓ ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଆମ୍ବ ଗଛରେ ଜାଲ ଲଗାନ୍ତୁ। ବର୍ଷା ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ। |
| | | Total No of Farmer : - 101022 Advisory Date :-5/9/2022 11:16:44 AM |

| | | |
|---|---|---|
| | 10 | କଖାରୁ ଜାତୀୟ ପନିପରିବାରେ ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪ ଲି ପାଣିରେ ୪୦୦ ଗ୍ରା ଗୁଡ ଓ ୮ ମି.ଲି ମାଲାଥିଅନ ବା DDVP କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷ ଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ। ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ। |
| | | Total No of Farmer : - 149026 Advisory Date :-5/4/2022 1:13:33 PM |
| | 9 | ଲଙ୍କାମରିଚ ଫସଲରେ ବର୍ତ୍ତମାନ ସମୟରେ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି। ରାସାୟନିକ ଉପାୟରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି Propargiteକିମ୍ବା ୧୬୦ ମି.ଲି Spiromesifen୨୫୦ ଗ୍ରାମDaifenthiuron ନାମକ କୀଟନାଶକ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101022 Advisory Date :-5/4/2022 1:11:26 PM |
| | 8 | ପଶୁ ସମ୍ପଦକୁ ସଫା ଓ ଉଚିତ ପରିମାଣର ପାଣି ଯୋଗାନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଓ ସଂଧ୍ୟା ସମୟରେ ଛାଡନ୍ତୁ। |
| | | Total No of Farmer : - 108208 Advisory Date :-4/27/2022 10:49:54 AM |
| | 7 | ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ଫସଲରେ ଜଳସେଚନ ହାରକୁ ବଢାନ୍ତୁ ଓ ମାଟିର ଆର୍ଦ୍ରତାକୁ ବଜାୟ ରଖିବା ପାଇଁ ମାଟିକୁ ନଡା କିମ୍ବା ସୁଖା ପତ୍ର ଦ୍ୱାରା ଘୋଡାଇ ରଖନ୍ତୁ। ପନିପରିବାର ତଳିଘେରାକୁ ଛାୟା ଗୃହରେ ଆଚ୍ଛାଦନ କରି ରଖନ୍ତୁ। |
| | | Total No of Farmer : - 101024 Advisory Date :-4/27/2022 10:35:30 AM |
| | 6 | ଅମଳ ସମୟରେ ମୁଗ ଓ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ। ଅମଳ ସମୟରେ ଚୀନାବାଦାମ ମଞ୍ଜିରେ ଜଳୀୟ ଅଂଶ ୪୦ ରୁ ୫୦ ଶତକଡା ରହିଥାଏ। ତେଣୁ ଖରାରେ କିଛି ଦିନ ଶୁଖାଇ ଜଳୀୟ ଅଂଶ ଶତକଡା ୧୦ ଭାଗ ରଖାଯାଏ। |
| | | Total No of Farmer : - 149020 Advisory Date :-4/27/2022 10:25:45 AM |
| | 5 | କଖାରୁ ଜାତୀୟ ପନିପରିବାରେ କଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମି.ଲି. ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହାର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ କିମ୍ବା ୨ ମି.ଲି ପ୍ରୋଫେନୋଫସ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101022Advisory Date :-4/21/2022 9:47:09 AM |
| | 4 | ବିରି ଓ ମୁଗ ଫସଲରେ ପାଉଁଶିଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ ସଲଫର କିମ୍ବା ୩୦୦ ମି.ଲି. ହେକ୍ସାକୋନାଜୋଲ କିମ୍ବା ୨୦୦ ମି.ଲି. ପ୍ରୋପିକୋନାଜୋଲ କିମ୍ବା ୧୦୦ ମି.ଲି. ପେନକୋନାଜୋଲ ନାମକ ଫିମ୍ପିନାଶକ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149008Advisory Date :-4/21/2022 9:42:22 AM |
| | 3 | ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛିର ନିୟନ୍ତ୍ରଣ ନିହାତି ଜରୁରୀ। ସାହେବୀ ଆକ୍ରାନ୍ତ ଗଛଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ। ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ କୁ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101013 Advisory Date :-4/10/2022 6:56:54 PM |
| c | 2 | ବିରି ଓ ମୁଗ ଫସଲରେ ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ଗୁଡିକ ଗୋଟିଏ କିଆରୀରୁ ଅନ୍ୟ କିଆରୀକୁ ନ ଯିବା ପାଇଁ ହିଡରେ ଏକର ପ୍ରତି ୧୦ କି.ଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି ନୋଭାଲୁରନ ଓ ଇଣ୍ଡୋକ୍ସାକାର୍ବର ମିଳିତ କୀଟନାଶକ କିମ୍ବା ୩୦୦ ମି.ଲି ଲାମ୍ବଡା ସାଇହାଲୋଥ୍ରିନ କିମ୍ବା ୧୨୦ ଗ୍ରାମ ଫ୍ଲୁବେଣ୍ଡିଆମାଇଡ୍ ୨୦୦ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149021 Advisory Date :-4/9/2022 9:45:31 PM |
| c | 1 | କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ ଫୋସେଟିଲ୍-ଏ.ଏଲ୍ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫମ୍ପିନାଶକ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101013 Advisory Date :-4/9/2022 9:40:24 PM |